ପ୍ରେସ୍‌ନୋଟ୍

# 'ମୁଁ ବି ମିତା' ଅଭିଯାନ ଉଦ୍‌ଘାଟିତ ।

ଅନୁଗୋଳ, ତା, ୦୨.୦୯:- ଆସନ୍ତା ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ଭୋଟର ତାଲିକାରେ ଅଧିକରୁ ଅଧିକ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ନେଇ 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ ହୋଇଅଛି । ଅନୁଗୋଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଚୟନ କରାଯାଇଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ବ୍ରାଣ୍ଡ ଆମ୍ବାସାଡର୍ ଭାବେ ଟୋପି ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ୍ କୁମାର ମହାପାତ୍ର ଯୋଗ ଦେଇ କହିଥିଲେ ଯେ ଭାରତ ପୃଥିବୀର ସର୍ବବୃହତ ଶ୍ରେଷ୍ଠ ଗଣତାନ୍ତ୍ରିକ ଦେଶ ଭାବେ ମାନ୍ୟତା ପାଇଅଛି । ଏହି ଗଣତନ୍ତ୍ରର ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା,ପାରଦର୍ଶିତା ଏବଂ ସଫଳ ରୂପାୟନ ନିମନ୍ତେ ଅନେକ ଗୁଡିଏ ପଦ୍ଧତିର ଅନୁସରଣ କରାଯାଇଥାଏ, ସେଥିମଧ୍ୟରୁ ଏକ ତ୍ରୁଟିଶୂନ୍ୟ ଓ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରସ୍ତୁତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ଏହି ଦିଗରେ ସଫଳତା ହାସଲ ପାଇଁ 'ମୁଁ ବି ମିତା' କାର୍ଯ୍ୟକ୍ରମ ସହାୟକ ହେବ । ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ କହିଥଲେ ଯେ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ଓ ନୂତନ ଭୋଟରମାନଙ୍କୁ ସାମିଲ କରିବା ପାଇଁ 'ମୁଁ ବି ମିତା' ଆମ୍ବାସାଡର ମାନେ ଘରକୁ ଘର ଯାଇ ଲୋକମାନଙ୍କୁ ସଚେତନ କରିବା ସହ ଭୋଟର ତାଲିକାରେ ପଞ୍ଜିକରଣ କରିବା ପ୍ରଣାଳୀ କୁ ବୁଝାଇବେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବରେନ୍ୟେନ୍ଦୁ ମହାନ୍ତି ଯୋଗ ଦେଇ ନିଜର ବକ୍ତବ୍ୟରେ କହିଥଲେ ଯେ ଏହି କାର୍ଯ୍ୟକ୍ରମରେ ଚୟନ ହୋଇଥିବା 'ମୁଁ ବି ମିତା' ଆମ୍ବାସାଡର ଛାତ୍ରୀମାନଙ୍କ ପାଇଁ ଏହି ଦିନଟି ଅତି ଗୌରବପୂର୍ଣ୍ଣ ଓ ସୌଭାଗ୍ୟର ଦିନ । ଦେଶ ନିର୍ମାଣରେ ଏବଂ ନିର୍ବାଚନ ପ୍ରକ୍ରିୟାରେ ଯୁବବର୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦିଗରେ ଛାତ୍ରୀମାନଙ୍କୁ ନିଜର କର୍ତ୍ତବ୍ୟ ସଠିକ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ପ୍ରଦତ୍ତ ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟାକୁ ପାୱାରପଏଣ୍ଟ ମାଧ୍ୟମରେ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଜିତେନ୍ଦ୍ର କୁମାର ପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁକାନ୍ତ କୁମାର ସାହୁ ଓ ପାଲଲହଡା ତହସିଲଦାର ଶ୍ରୀ ଲମ୍ବୋଦର ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


OPPO Reno7 5G
DIPRO ANGL | 2023.09.02 11:39


OPPO Reno7 5G
DIPRO ANGL | 2023.09.02 11:40


OPPO Reno7 5G
DIPRO ANGL | 2023.09.02 12:17